# India and Pakistan exchange list of Nuclear Installations

January 01, 2023

## ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ବିନିମୟ

**ଜାନୁଆରୀ 01, 2023**

ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନିଷେଧ ଚୁକ୍ତିନାମା ଅନୁଯାୟୀ ଆଜି ଉଭୟ ଦେଶ ନିଜର ଆଣବିକ ସ୍ଥଳୀ ଓ ପ୍ରତିଷ୍ଠାନ ବିଷୟରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ନୂଆଦିଲ୍ଲୀ ଓ ଇସଲାମାବାଦଠାରେ ତାଲିକାର ବିନିମୟ କରିଛନ୍ତି।

31 ଡିସେମ୍ବର 1988 ରେ ସ୍ୱାକ୍ଷରିତ ଏବଂ 27 ଜାନୁଆରୀ 1991 ରେ ଲାଗୁ ହୋଇଥିବା ଏହି ଚୁକ୍ତିନାମା ଅନୁଯାୟୀ ପ୍ରତି ବର୍ଷ ଜାନୁଆରୀ ପହିଲାରେ ଭାରତ ଓ ପାକିସ୍ତାନ ପରସ୍ପରକୁ ନିଜର ଆଣବିକ ସ୍ଥଳୀ ଓ ପ୍ରତିଷ୍ଠାନଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରନ୍ତି। ଏଥରକୁ ମିଶାଇ ଦୁଇ ଦେଶ ମଧ୍ୟରେ ଏହିପରି ତାଲିକାର କ୍ରମାଗତ ଭାବେ 32 ଥର ବିନିମୟ ହୋଇଛି। ପ୍ରଥମ ତାଲିକାର ବିନିମୟ 01 ଜାନୁଆରୀ 1992 ରେ ହୋଇଥିଲା।

**ନୂଆଦିଲ୍ଲୀ**

**ଜାନୁଆରୀ 01, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.